ଧରିତ୍ରୀ
DHARITRI
ରବିବାର, ୨୮ ମାର୍ଚ୍ଚ, ୨୦୨୧

## ୩ ଦିନରେ ୧୨ ସଂକ୍ରମିତ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଗତ ୩ଦିନରେ ୧୨ ଜଣ ସଂକ୍ରମିତ ହେବା ପରେ ପ୍ରଶାସନ ସତର୍କ ହୋଇଉଠିଛି। ଶନିବାର କଙ୍କଡ଼ାହାଡ଼ ବ୍ଲକ କନ୍ଧରା ଅଞ୍ଚଳର ଜଣେ ବ୍ୟକ୍ତି କରୋନା ପଜିଟିଭ୍ ଭାବେ ଚିହ୍ନଟ ହୋଇଛନ୍ତି। ତାଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ଏହାକୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫,୭୩୫ରେ ପହଞ୍ଚିଥିବାବେଳେ ୫,୬୯୧ ଜଣ ସୁସ୍ଥ ହୋଇ ସାରିଲେଣି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



### ସଂକ୍ଷେପରେ

## ଭାଗ୍ୟଶ୍ରୀ ପାଇବେ ସ୍ୱର୍ଣ୍ଣ ପଦକ



**ପରଜଙ୍ଗ, ୨୭।୩(ଡି.ଏନ.ଏ.):** ପରଜଙ୍ଗ ମହାବିଦ୍ୟାଳୟ ୨୦୧୯-୨୦ ଶିକ୍ଷାବର୍ଷର ଓଡ଼ିଆ (ସମ୍ମାନ) ବିଭାଗ ଛାତ୍ରୀ ଭାଗ୍ୟଶ୍ରୀ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ସ୍ୱର୍ଣ୍ଣପଦକ ପାଇବା ଲାଗି ଯୋଗ୍ୟ ବିବେଚିତା ହୋଇଛନ୍ତି। ସେ ଓଡ଼ିଆ ସମ୍ମାନରେ ସର୍ବାଧିକ ନମ୍ବର ରଖି ରାଜ୍ୟରେ ଟପ୍ପର ହୋଇଥିଲେ। ଉପରାଷ୍ଟ୍ରପତିଙ୍କ ଉପସ୍ଥିତିରେ ତାଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ଦିଆଯିବ। ଏହା ଜଣାପଡ଼ିବା ପରେ ପରଜଙ୍ଗ କଲେଜର ଅଧାପିକାଅଧାପକ, ଛାତ୍ରୀଛାତ୍ରଙ୍କ ମଧରେ ଖୁସିର ଲହରି ଖେଳିଯାଇଛି। ଭାଗ୍ୟଶ୍ରୀ ହେଉଛନ୍ତି ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମର ବିନୋଦ କୁମାର ସାହୁ ଓ ମାମିଲତା ସାହୁଙ୍କ ଏକମାତ୍ର କନ୍ୟା।

## ବୁଲୁଛି କରୋନା ରଥ

**ପରଜଙ୍ଗ, ୨୭।୩(ଡି.ଏନ.ଏ.):** କୋଭିଡ୍-୧୯ ଭୟାବହତା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବାକୁ ପରଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥ ନଗର ପରିକ୍ରମା କରୁଛି। ବାହାର ରାଜ୍ୟରୁ ଫେରୁଥିବା ଲୋକଙ୍କୁ ଗୃହ ସଙ୍ଗରୋଧରେ ରହିବା, ଲକ୍ଷଣ ଦେଖାଦେଲେ କୋଭିଡ୍ ପରୀକ୍ଷା କରାଇବା, ଘରୁ ବାହାରିଲେ ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ନିୟମ ମାନିବା, ଘରକୁ ଫେରିଲେ ସାବୁନରେ ଗୋଡ଼ହାତ ଧୋଇବାକୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି।

## ବାର୍ଷିକ ଯଜ୍ଞ ଉତ୍ସବ

**ଭୁବନ, ୨୭।୩(ଡି.ଏନ.ଏ.):** ଭୁବନସ୍ଥିତ ଶ୍ରୀଗୁରୁ ଅନନ୍ତ ଆଶ୍ରମ ସର୍ବୋଦୟ ସମିତି ପକ୍ଷରୁ ୧୫ତମ ବାର୍ଷିକ ଯଜ୍ଞ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୨୦୦୬ରୁ ପ୍ରତିଷ୍ଠିତ ଏହି ଆଶ୍ରମରେ ବିଶ୍ୱ ମଙ୍ଗଳ କାମନା କରି ପ୍ରତିବର୍ଷ ଏହି ଯଜ୍ଞ ଅନୁଷ୍ଠିତ ହେଉଛି। ସନାତନ ଧର୍ମର ପ୍ରଚାରପ୍ରସାର, ବ୍ରହ୍ମଜ୍ଞାନର ଉତ୍ଥାନ ଏହାର ପ୍ରମୁଖ ଲକ୍ଷ୍ୟ। ଆଶ୍ରମ ସଭାପତି ନନ୍ଦକିଶୋର ସାହୁ, ସମ୍ପାଦକ କୈଳାସ ଚନ୍ଦ୍ର ରଣା, ଆବାହକ ଗିରିଧାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭୁବନ ସମେତ ଆଖପାଖ ଅଞ୍ଚଳର ବହୁ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମକୀର୍ତ୍ତନ ପରିବେଷଣ କରିଥିଲେ। ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ମୋ ସ୍କୁଲ ଅଭିଯାନ ବୈଠକ

**ଢେଙ୍କାନାଳ ଅଫିସ, ୨୭।୩:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବେଶାଳିଆ ପ୍ରାଥମିକ ବିଦ୍ୟାଳୟରେ ମୋ' ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ମହେଶ୍ୱର ନାୟକ ୨୫ ହଜାର ଟଙ୍କା ପ୍ରଦାନ କରି ଏହାର ଶୁଭାରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ତୃପ୍ତିମୟୀ ମହାପାତ୍ର ଅଭିଯାନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଗ୍ରାମ ସଭାପତି ଗୋପବନ୍ଧୁ ପଟ୍ଟନାୟକ, ସମ୍ପାଦକ ପୀତବାସ ପଟ୍ଟନାୟକ, ନୀଳମଣି ସିଂ, କ୍ଲଷ୍ଟର ସଂଯୋଜକ ରଞ୍ଜନ ବେହେରାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## କଲଦା, ବାରିହାପୁର, ପିଟିରି ବିଜୟୀ

**ପରଜଙ୍ଗ, ୨୭।୩(ଡି.ଏନ.ଏ.):** ପରଜଙ୍ଗ ମିନି ଷ୍ଟାଡିୟମରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ନକ୍ଆଉଟ ରାଉଣ୍ଡ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ କଲଦା, ବାରିହାପୁର, ପିଟିରି ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। କୁମୁସୀର ୫୬ ରନ୍ ଜବାବରେ କଲଦା ୭ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ସେହିପରି ଅଁଳାବେରେଣିକୁ ୭ ଉଇକେଟରେ ପରାସ୍ତ କରିଛି ବାରିହାପୁର। ତୃତୀୟ ମ୍ୟାଚ୍‌ରେ କୁସୁମଯୋଡ଼ିକୁ ୧୦ ରନ୍‌ରେ ହରାଇ ପିଟିରି ବିଜୟୀ ହୋଇଛି। ଅମୃତାନନ୍ଦ ଦଳବେହେରା, ନିରୋଦ କୁମାର ଦାସ ମ୍ୟାଚ ପରିଚାଳନା କରିଥିବାବେଳେ ସିଦ୍ଧାର୍ଥ ରାଉତ ସ୍କୋରର ରହିଥିଲେ। ଏଥିପୂର୍ବରୁ ଶୁକ୍ରବାର କଙ୍କଡ଼ାସୋଡ଼ାକୁ ହରାଇ ରେଣ୍ଡାପାଟ, ସରପଞ୍ଚ ଓ ସମିତି-୧୧କୁ ହରାଇ ବିରିବୋଲେଇ, କରଗୋଳାକୁ ହରାଇ ଜୟପୁରାକାଟେଣୀ, ମାଣିକମରାକୁ ହରାଇ ପରଜଙ୍ଗ ଯୁବ ବିଜେଡି ଟିମ୍ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲେ।

# ମନ ମୋହୁଛି ହନୁମାନ ବାଟିକା

- ନବକଳେବର ପରେ ବଢ଼ିଛି ଆକର୍ଷଣ
- ଚିତ୍ରରେ ଦର୍ଶାଯାଇଛି ରାମକଥା
- ସକାଳେ ସନ୍ଧ୍ୟାରେ ଜମୁଛି ଭିଡ଼

**ଢେଙ୍କାନାଳ ଅଫିସ, ୨୭।୩**



ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକ ନିକଟରେ ଥିବା ହନୁମାନ ବାଟିକାର ନବକଳେବର ପରେ ବଢ଼ିଛି ଏହାର ଆକର୍ଷଣ। ଏହି ସ୍ଥାନ କେବଳ ଆଧାତ୍ମିକ ପରିବେଶ ସୃଷ୍ଟି କରୁଛି ତାହା ନୁହେଁ, ଅଧିକନ୍ତୁ ବୟସ୍କମାନେ ଏଠାରୁ ପାଉଛନ୍ତି ମାନସିକ ଶାନ୍ତି। ସକାଳେ ସନ୍ଧ୍ୟାରେ ଦିଅଁ ଦର୍ଶନ କରିବା ସହିତ କିଛି ସମୟ ଅତିବାହିତ କରିବାକୁ ସହରବାସୀଙ୍କ ପସନ୍ଦର ସ୍ଥାନ ପାଲଟିଛି ହନୁମାନ ବାଟିକା।

୨୦୦୮ ମେରେ ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକରେ ହନୁମାନଜୀଉଙ୍କ ୧୮ ଫୁଟ ଉଚ୍ଚତାର ମୂର୍ତ୍ତି ସ୍ଥାପନ କରାଯାଇଥିଲା। ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଉଦ୍ୟମରେ ଏହାକୁ ଆକର୍ଷଣୀୟ ରୂପ ଦିଆଯାଇଛି। ହନୁମାନ ବାଟିକା ପରିସରରେ ଚିତ୍ରରେ ଚିତ୍ରରେ ଦର୍ଶାଯାଇଛି ରାମକଥା। ଶ୍ରୀରାମଙ୍କ ବନବାସଠାରୁ ଆରମ୍ଭ କରି ସେତୁବନ୍ଧ ନିର୍ମାଣ, ଅଶୋକ ବନରେ ସୀତାଙ୍କୁ ଠାବ, ଲଙ୍କା ଦହନ, ଅସୁରଙ୍କୁ ନିପାତ ଆଦି ପୌରାଣିକ ବିଷୟ ଚିତ୍ରରେ ପ୍ରଦର୍ଶିତ ହୋଇଛି। ହନୁମାନ ବାଟିକାକୁ ଆସୁଥିବା ଶ୍ରଦ୍ଧାଳୁମାନେ ରାମକଥାକୁ ବେଶ୍ ଉପଭୋଗ କରୁଛନ୍ତି। ପ୍ରତି ମାସ ସଂକ୍ରାନ୍ତିରେ ପବନପୁତ୍ରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ଏହାକୁ ବାଦ୍‌ଦେଲେ ହନୁମାନ ଜୟନ୍ତୀ, ଶ୍ରୀରାମ ନବମୀ, ହୋମଯଜ୍ଞ, ରାମଚରିତ ମାନସ ପାଠ ଓ ହନୁମାନ ଚାଳିଶା ପାଠ ମଧ୍ୟ ଆୟୋଜିତ ହେଉଛି। ମାନସିକଧାରୀମାନେ ୧୦୮ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ପାଇଁ ହନୁମାନ ବାଟିକାକୁ ଆସୁଛନ୍ତି।

ସେହିପରି ଶ୍ରଦ୍ଧାଳୁମାନେ ସମୟ ଅତିବାହିତ କରିବାକୁ ବାଟିକାରେ ପିଣ୍ଡି ନିର୍ମାଣ କରାଯାଇଛି। ଗଛମୂଳେ ହୋଇଥିବା ପିଣ୍ଡିରେ ବସି ଅବସର ସମୟ ବିତାଇବାକୁ ସବୁବର୍ଗ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ଖରାଦିନେ ସନ୍ଧ୍ୟା ସମୟରେ ସୁଲୁସୁଲିଆ ପବନର ମଜା ନେବାକୁ ଏଠାରେ ଭିଡ଼ ଜମୁଛି।

### ଆଧାତ୍ମିକ ବାତାବରଣ ସୃଷ୍ଟି ହେଉଛି



"ଶ୍ରୀ ହନୁମାନ ଜୀଉଙ୍କ ମୂର୍ତ୍ତି ପ୍ରତିଷ୍ଠା ହେବାପରେ ହନୁମାନ ବାଟିକାରେ ବିଭିନ୍ନ ପର୍ବପର୍ବାଣି ଆୟୋଜନ କରାଯାଉଛି। ସେଠାରେ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଲୋକ ସାମିଲ ହେଉଛନ୍ତି। ସହର ଉପକଣ୍ଠରେ ଆଧାତ୍ମିକ ବାତାବରଣ ସୃଷ୍ଟି ହେଉଛି। ଖରାବେଳେ ଗଛ ଛାଇରେ ଲୋକମାନେ ବିଶ୍ରାମ ମଧ ନେଉଛନ୍ତି।

-ରୁଦ୍ରନାରାୟଣ ତ୍ରିପାଠୀ

### ସମୟ ଅତିବାହିତ କରିବାର ପ୍ରକୃଷ୍ଟ ସ୍ଥାନ



"ସମସ୍ତ ବର୍ଗର ଲୋକଙ୍କ ପାଇଁ ଅବସର ସମୟ ଅତିବାହିତ କରିବା ନିମନ୍ତେ ଏକ ପ୍ରକୃଷ୍ଟ ସ୍ଥାନ ହେଉଛି ହନୁମାନ ବାଟିକା। ଏହି ସ୍ଥାନକୁ ବୟସ୍କ, ଯୁବପିଢ଼ି, ସରକାରୀ କର୍ମଚାରୀ ସମସ୍ତ ଆସୁଛନ୍ତି। ସକାଳେ ସନ୍ଧ୍ୟାରେ ଚା ପିଇବାର ମଜା ନେବା ସହ ସହରର ବିଭିନ୍ନ ସମସ୍ୟା, ରାଜନୀତି, ଆଧାତ୍ମିକ ଚର୍ଚ୍ଚା କରୁଛନ୍ତି।

-ପ୍ରିୟବ୍ରତ ଗଡ଼ନାୟକ

### ସୌନ୍ଦର୍ଯ୍ୟକରଣ ସ୍ୱାଗତଯୋଗ୍ୟ ପଦକ୍ଷେପ



"ହନୁମାନ ବାଟିକାର ସୌନ୍ଦର୍ଯ୍ୟକରଣ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଭିନ୍ନ ପ୍ରଜାତିର ଗଛ ଲଗାଯିବା ପରେ ସବୁଜବନାନୀ ସୃଷ୍ଟି ହୋଇଛି। ପ୍ରମୁଖ ପର୍ବପର୍ବାଣିରେ ସାମୂହିକ ପ୍ରସାଦ ସେବନ ଲାଗି ଏଠାରେ ସମସ୍ତ ସୁବିଧା ରହିଛି। ସବୁବର୍ଗର ଲୋକେ ଏଥିରେ ସାମିଲ ହେଉଥିବାରୁ ଭାଇଚାରା ବଢୁଛି। ସନ୍ଧ୍ୟାରେ ହନୁମାନ ଚାଳିଶା ପାଠରେ ଆଧାତ୍ମିକ ବାତାବରଣ ସୃଷ୍ଟି ହେଉଛି।

-ଅଥୟ କୁମାର ସାହୁ

## ଦୁର୍ଘଟଣାରେ ଯୁବକ ମୃତ

**ଢେଙ୍କାନାଳ ଅଫିସ, ୨୭।୩**

ଢେଙ୍କାନାଳ ସଦର ଥାନା ମେଘା ନିକଟରେ ଶନିବାର ଅପରାହ୍ଣ ସାଢ଼େ ୪ଟାରେ କ୍ରେନ୍ ସହ ପିଟି ହୋଇଯିବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଜୟ ଗଡ଼ନାୟକ। ଅଜୟ ଢେଙ୍କାନାଳରୁ ନିଜ ଗ୍ରାମ ନେଉଳପୋଇକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣା ପରେ ଢେଙ୍କାନାଳ-କପିଳାସ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ସୂଚନାପାଇ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସଦଳବଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। କ୍ରେନ୍‌କୁ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୧୯୭/୨୧ରେ ଏକ ମାମଲା ରୁଜୁ ହୋଇଛି।

## ମନ୍ଦିରର ବାର୍ଷିକ ଉତ୍ସବ

**ପରଜଙ୍ଗ, ୨୭।୩(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତର ଆରାଧ୍ୟ ଦେବତା ଶ୍ରୀ ଡମ୍ପଘା ରଘୁନାଥଜୀଉ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ନୀତି ଅନୁଯାୟୀ ଠାକୁରଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯାଇଥିଲା। ବିଜେଡି ଯୁବନେତା ଅସିତ୍ କୁମାର ରାୟ ଚୌଧୁରୀ ଉପସ୍ଥିତ ରହି ଅଞ୍ଚଳବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ। ସରପଞ୍ଚ ଗୌତମ ପାଣିଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭଜନସନ୍ଧ୍ୟା କାର୍ଯ୍ୟକ୍ରମରେ ବହୁ ଦର୍ଶକ ଯୋଗଦେଇଥିଲେ।

# ପାନୀୟଜଳ ପ୍ରକଳ୍ପ ଲୋକାର୍ପିତ

**ଢେଙ୍କାନାଳ ଅଫିସ, ୨୭।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହଳଦିଆବାହାଳ ଗ୍ରାମରେ ଶୁକ୍ରବାର ଏମ୍‌ଜିଏମ୍ ଷ୍ଟିଲ କମ୍ପାନୀ ସହାୟତାରେ ଏକ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି। ନୟାଭାଗୀରଥିପୁର ସରପଞ୍ଚ ମମତାଞ୍ଜଳି ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ କମ୍ପାନୀ ପରିଚାଳକ ପ୍ରମୋଦ କୁମାର ଶ୍ରୀବାସ୍ତବ, ବିଦ୍ୟୁତ୍ ପରିଚାଳକ ମନୋରଞ୍ଜନ ଶତପଥୀ, ସମାଜ ମଙ୍ଗଳ ଅଧିକାରୀ ସୁଧାକର ସାମଲ, ସିଭିଲ ମ୍ୟାନେଜର ପ୍ରଦୀପ କୁମାର ମହାପାତ୍ର, ଗ୍ରାମ ସଭାପତି ଫଗୁରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକଳ୍ପ ନିର୍ମାଣ ପାଇଁ ଏମ୍‌ଜିଏମ୍ କମ୍ପାନୀ ପକ୍ଷରୁ ୫୬ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ଜଳଯୋଗାଣ ବିଭାଗ ପକ୍ଷରୁ ୧ ଲକ୍ଷ କ୍ଷମତା ବିଶିଷ୍ଟ ଏକ ଟାଙ୍କି ନିର୍ମାଣ କରାଯାଇଛି। ପ୍ରକଳ୍ପକୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।



ପାନୀୟଜଳ ପ୍ରକଳ୍ପ ।

# ୩ ଟ୍ରକ୍, ହାଇୱା, ଏକ୍ସାଭେଟର ଜବତ

**ଢେଙ୍କାନାଳ ଅଫିସ, ୨୭।୩**

ଢେଙ୍କାନାଳ ସଦର ତହସିଲ ପକ୍ଷରୁ ଶୁକ୍ରବାର ରାତିରେ ୩ ବେଆଇନ ପଥର ବୋଝେଇ ଟ୍ରକ୍, ମୋରମ ବୋହିବା କାର୍ଯ୍ୟରେ ନିୟୋଜିତ ହାଇୱା ଏବଂ ଏକ୍ସାଭେଟର ଜବତ କରାଯାଇଛି। ଢେଙ୍କାନାଳରୁ ପଥର ଚାଲାଣ କରୁଥିବା ଟ୍ରକ୍ (ନଂ. ଓଆର ୦୯ ଇ ୫୫୨୫)କୁ ତହସିଲ କର୍ମଚାରୀମାନେ ଗୋଡ଼ାଇ କଟକ ଜିଲା ଖୁଣ୍ଟୁଣୀ ଥାନା ଅଞ୍ଚଳରୁ ଧରିଥିଲେ। ଏଥିରେ ଆଠଗଡ଼ ତହସିଲଦାର ଏବଂ ଖୁଣ୍ଟୁଣୀ ଥାନାଧିକାରୀଙ୍କ ସହଯୋଗ କରିଥିଲେ। ସେହିପରି ବିଜିପୁର ଅଞ୍ଚଳରୁ ଦୁଇଟି ଟ୍ରକ୍ ଜବତ କରାଯାଇଛି। ଅନୁରୂପ ଭାବେ ନଡିଆଳି ଅଞ୍ଚଳରୁ ବେଆଇନ ଭାବେ ମୋରମ ଖୋଳି ନେଉଥିବା ଗାୟତ୍ରୀ ଠିକା ସଂସ୍ଥାର ଏକ ହାଇୱା ଏବଂ ଏକ୍ସାଭେଟରକୁ ଜବତ କରାଯାଇଛି। ମୋଟ୍ ୪ଲକ୍ଷ ୬୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜବତ ଟ୍ରକ୍ ଗୋବିନ୍ଦପୁର ଫାଣ୍ଡି ପୋଲିସ ଜିମା ଦିଆଯାଇଛି। ସଦର ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ଅନୁପମା ମୁର୍ମୁ, ରାଜସ୍ୱ ସୁପରଭାଇଜର ସଞ୍ଜୟ ବରାଳ, ମାଣିପୁର ଆର୍‌ଆଇ ପୁଷ୍ପିତା ମଧୁମତି ଦେହୁରୀ, କାଙ୍କଡ଼ପାଳ ଆର୍‌ଆଇ ସୁକାନ୍ତ ସାହୁ, ବାଲ୍ୟାମ୍ବା ଆର୍‌ଆଇ ପ୍ରଦୀପ କୁମାର ବିଶ୍ୱାଳ, ସଦର ଆର୍‌ଆଇ ବରୁଣ ଜେନା, ଭାପୁର ଆର୍‌ଆଇ ଅନ୍ତର୍ଯ୍ୟାମୀ ସାହୁ, ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଭୂତିଆ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।



ଚଢ଼ାଉରେ ସାମିଲ କର୍ମଚାରୀ।

## ଅଷ୍ଟପ୍ରହର ନାମଯଜ୍ଞ

**ସାତମାଇଲ, ୨୭।୩(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ଦୁଦୁରୁକୋଟ କରଣସାହିରେ ଅଷ୍ଟପ୍ରହର ନାମଯଜ୍ଞ ସଭାପତି ବେଣୁଧର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ୩ଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ କଳସ ଶୋଭାଯାତ୍ରା, ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ, କଟକ, ତାଳଚେର ଅଞ୍ଚଳର ୪୭ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଗୁରୁବାର ଶେଷଦିନରେ ଆୟୋଜିତ ରାଧାକୃଷ୍ଣଙ୍କ ନଗର ପରିକ୍ରମା ଏବଂ ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମରେ ଆକର୍ଷଣ ସାଜିଥିଲେ ବେଶଧାରୀ କଳାକାର। ଦିଲୀପ ପଟ୍ଟନାୟକ, ଚମ୍ପାବତୀ ପଟ୍ଟନାୟକ କର୍ତ୍ତା ଏବଂ ଶାନ୍ତନୁ କୁମାର ରଥ ଶର୍ମା ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗ୍ରାମବାସୀ ସହାୟତା କରିଥିଲେ।

# ୬୮ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

**ଭୁବନ, ୨୭।୩(ଡି.ଏନ.ଏ.)**

ଭୁବନ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଶନିବାର ଅମୃତ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୬୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରକ୍ତଭଣ୍ଡାରର ଡାକ୍ତର ରମେଶ ଚନ୍ଦ୍ର ସାହୁ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, କର୍ମଚାରୀ ରୋହିତ ଦାସ, ତପନ ଜେନା, ଅଜୟ ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ସଙ୍ଗଠନର ଆବାହକ ରମେଶ ଚନ୍ଦ୍ର ମିଶ୍ର, ବରିଷ୍ଠ କର୍ମକର୍ତ୍ତା ରଘୁନାଥ ସାହୁ, ପଦ୍ମନାଭ ପୃଷ୍ଟି, ପଞ୍ଚାନନ ସାଥୁଆ ମହାପାତ୍ର, ନୃସିଂହ ଚରଣ ସାହୁ, ରାଧାରାଣୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩ ଗାଡ଼ିକୁ ୧.୫୫ ଲକ୍ଷ ଜରିମାନା

**ପରଜଙ୍ଗ, ୨୭।୩(ଡି.ଏନ.ଏ.)**

ଆବଶ୍ୟକ କାଗଜପତ୍ର, ପରମିଟ୍ ଏବଂ ଫିଟନେସ୍ ନ ଥାଇ ଗାଡ଼ି ଚଳାଉଥିବା ଅଭିଯୋଗରେ ପରଜଙ୍ଗ ପୋଲିସ ଶୁକ୍ରବାର ୩ ଗାଡ଼ି ଜବତ କରିଥିଲା। ଜିଲା ପରିବହନ ବିଭାଗ ଅଧିକାରୀ ପକ୍ଷରୁ ଉକ୍ତ ଗାଡ଼ିରୁ ୧,୫୫,୭୫୬ ଟଙ୍କା ଜରିମାନା ଆଦାୟ କରାଯାଇଛି। ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ୍ (ନଂ. ୧୯ ଏଫ୍ ୫୫୫୧)ରୁ ୮୬, ୨୪୬ ଟଙ୍କା, କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର୍ ୧୯ ଏଫ୍ ୨୧୭୧)ରୁ ଜିଲା ପରିବହନ ବିଭାଗ ୫୦,୫୦୦ ଟଙ୍କା ଏବଂ ପରଜଙ୍ଗ ପୋଲିସ ୧୫୦୦ ଟଙ୍କାର ଚାଲାଣ କାଟିଛି। ସେହିପରି ଏକ କାର୍ (ନଂ. ଓଆର୍ ୦୨ କ୍ୟୁ ୦୦୭୦)ରୁ ୧୭,୫୧୦ ଟଙ୍କାର ଚାଲାଣ କଟାଯାଇଥିବା ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଶାନ୍ତିଶୃଙ୍ଖଳାରେ ସରିଲା ଓକିଲ ସଂଘ ନିର୍ବାଚନ

**କାମାକ୍ଷାନଗର/ଭୁବନ/ହିନ୍ଦୋଳ, ୨୭।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଓକିଲ ସଂଘ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସଭାପତି ପଦବୀରେ ଦ୍ୱିମୁଖୀ ଲଢ଼େଇ ହୋଇଥିଲା। ଏଥିରେ ରଞ୍ଜନ କୁମାର ରାଉତଙ୍କୁ ହରାଇ ଧର୍ମାନନ୍ଦ ମଲ୍ଲିକ ବିଜୟୀ ହୋଇଛନ୍ତି। ସେହିପରି ସନ୍ଦୀପ ପଟ୍ଟନାୟକଙ୍କୁ ପରାସ୍ତ କରି ସୂର୍ଯ୍ୟକାନ୍ତ ବିଶ୍ୱାଳ ସମ୍ପାଦକ ଭାବେ ଜିତିଛନ୍ତି। ଉପସଭାପତି ସୂର୍ଯ୍ୟନାରାୟଣ ସାହୁ, ସହସମ୍ପାଦକ ଅଜୟ ନାଏକ, କୋଷାଧ୍ୟକ୍ଷ ଉମେଶ ନାଏକ, ଲାଇବ୍ରେରିଆନ ସୁଭଦ୍ରା ପ୍ରିୟଦର୍ଶିନୀ, କାର୍ଯ୍ୟନିର୍ବାହୀ ସଭ୍ୟ ଛାୟାକାନ୍ତ ସାହୁ, ସଞ୍ଜୀବ କିଶୋର ପଣ୍ଡା, ସର୍ବଜିତ୍ ଜୀ, ନିର୍ମଳ ସାମଲ, ପ୍ରତ୍ୟୁଷ କୁମାରୀ ମିଶ୍ର ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରଭାସ ରଞ୍ଜନ ମିଶ୍ର, ଜମାଲ ହୁସେନ ଖାଁ ନିର୍ବାଚନ ପରିଚାଳନା କରିଥିଲେ। ୧୭୮ସଦସ୍ୟଙ୍କ ମଧ୍ୟରୁ ୧୭୦ ଜଣ ଭୋଟ ଦେଇଥିଲେ।



ନବନିର୍ବାଚିତ କାମାକ୍ଷାନଗର ଓକିଲ ସଂଘର କର୍ମକର୍ତ୍ତାମାନେ।



ପ୍ରକାଶ ଦାସ



ମନୋଜ ମାହାଳିକ



ବାବୁଲି ସେଠୀ



ପ୍ରହ୍ଲାଦ ସାହୁ

ଭୁବନ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଲଗାତର ଚତୁର୍ଥ ଥର ପାଇଁ ସଭାପତି ଭାବେ ବାବୁଲି ସେଠୀ ଏବଂ ସମ୍ପାଦକ ଭାବେ ପ୍ରହ୍ଲାଦ ସାହୁ ନିର୍ବାଚିତ ହୋଇଛନ୍ତି। ଉପସଭାପତି ନିରଞ୍ଜନ ଜେଠୀ, ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ବେହେରା, କୋଷାଧ୍ୟକ୍ଷ ଭାବେ ଜଗବନ୍ଧୁ ସାହୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ସ୍ୱାଇଁ ନିର୍ବାଚନ ପରିଚାଳନା କରିଥିଲେ।

ହିନ୍ଦୋଳ ଓକିଲ ସଂଘର ସଭାପତି ଭାବେ ପ୍ରକାଶ ଚନ୍ଦ୍ର ଦାସ ଏବଂ ସମ୍ପାଦକ ଭାବେ ମନୋଜ ମାହାଳିକ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଦେବାନନ୍ଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ତପନ ପରିଡ଼ା, କୋଷାଧ୍ୟକ୍ଷ ପ୍ରକାଶ ନାୟକ ଜିତିଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଦିବାକର ଦାସ, ଅଶ୍ୱିନୀ ମହାପାତ୍ର, ସୁଶାନ୍ତ ସାହୁ, ଅଭୟ ଆଚାର୍ଯ୍ୟ, ବ୍ରହ୍ମାନନ୍ଦ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ।

## ସଞ୍ଜୟ ସଭାପତି, ଟଙ୍କଧର ସମ୍ପାଦକ

**ଢେଙ୍କାନାଳ ଅଫିସ, ୨୭।୩**

ଢେଙ୍କାନାଳ ଜିଲାର ବିଭିନ୍ନ ବାର୍ ଆସୋସିଏଶନର ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଜିଲା ଓକିଲ ସଂଘ ସଭାପତି ଭାବେ ସଞ୍ଜୟ କୁମାର ମିଶ୍ର ଏବଂ ସମ୍ପାଦକ ଭାବେ ଟଙ୍କଧର ବେହେରା ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ସରୋଜ ପାଢ଼ୀ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ବ୍ରହ୍ମାନନ୍ଦ ରାଉତ, ପୁଷ୍ପକ ତ୍ରିପାଠୀ, ଚିତ୍ତରଞ୍ଜନ ବେହେରା ନିର୍ବାଚିତ ହୋଇଛନ୍ତି। ମୋଟ ୬୨୫ ସଦସ୍ୟଙ୍କ ମଧ୍ୟରୁ ୫୮୩ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ଆଇନଜୀବୀ ପତିତପାବନ ମହାପାତ୍ର, ସୁରେଶ ମହାପାତ୍ର, ଦିପ୍ତୀଶ ପଟ୍ଟନାୟକ, ଶ୍ରୀଧର ମିଶ୍ର, ଶରତ ସାହୁ, ବିନୟ ସାହୁ, ହରିହର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପୂର୍ବାହ୍ଣ ୮ଟାରୁ ଅପରାହ୍ଣ ୩ଟା ଯାଏ ମତଦାନ ହୋଇଥିଲା। ଏହାପରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇଥିଲା।



ସଭାପତି ସଞ୍ଜୟ କୁମାର ମିଶ୍ର।



ସମ୍ପାଦକ ଟଙ୍କଧର ବେହେରା।

## ଅନୁଗୋଳରୁ ୫ ପଜିଟିଭ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ଶନିବାର ୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳ, ବଣ୍ଠରପାଳ ବ୍ଲକ, ଛେଣ୍ଡିପଦା ବ୍ଲକ, କଣିହାଁ ବ୍ଲକ ଏବଂ ତାଳଚେର ପୌରାଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତ ଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ଅନୁଗୋଳ କଲେଜର ପୂର୍ବତନ ଅଧ୍ୟକ୍ଷ ଗିରଫ

**ଛେଣ୍ଡିପଦା, ୨୭।୩(ସ୍ୱ.ପ୍ର.):** ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଉଦୟନାଥ ବେହେରାଙ୍କୁ ଶୁକ୍ରବାର ଛେଣ୍ଡିପଦା ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ଜଣେ ମହିଳା ଘରେ ଏକାକୀ ଥିଲେ।



ତାଙ୍କ ସ୍ୱାମୀ ଏବଂ ଶ୍ୱଶୁର କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ଏହି ସମୟରେ ଅନୁଗୋଳ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଛେଣ୍ଡିପଦା ଗ୍ରାମର ଉଦୟନାଥ ସମ୍ପୃକ୍ତ ମହିଳାଙ୍କ ଘରେ ପଶି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହିତ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୧୫୨/୨୧ରେ ମାମଲା ରୁଜୁ ହୋଇଥିଲା। ୧୭ ତାରିଖରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମହିଳାଙ୍କ ବୟାନ ରେକର୍ଡ କରାଯାଇଥିଲା। ଗତ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଘରେ ଥିବାବେଳେ ଉଦୟଙ୍କୁ ପୋଲିସ ଗିରଫ କରିଥିଲା। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଅଷ୍ଟପ୍ରହର ନାମଯଜ୍ଞ

**ଛେଣ୍ଡିପଦା, ୨୭।୩(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ବାଗଡିଆ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ବିଭିନ୍ନ ଦିବସରେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା ଅନୁଷ୍ଠିତ ହୋଇଥିଲା। ଶନିବାର ଭୋର୍ ସମୟରେ ନଗରକୀର୍ତ୍ତନ, ଯଜ୍ଞ ପୂର୍ଣ୍ଣାହୁତି ସହ ଦଧିହାଣ୍ଡି ଭଙ୍ଗାଯାଇଥିଲା। ଯୋଗେଶ୍ୱର ମାଝି, ବିଶାଖା ମାଝି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କିଶୋର ସାହୁ, ପଦ୍ମଚରଣ ମାଝି, ଲୋହିତ ସାହୁ, ଗୁଣନିଧି ପ୍ରଧାନ, କଇରା ପ୍ରଧାନ, ମେଘୁ ପ୍ରଧାନ, ଆଲ୍ଲା ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ, ଭଗବାନ ମହାପାତ୍ର, ରୋହିତ ସାହୁ, ସୁକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସରିଲା ଆଇନଜୀବୀ ସଂଘ ନିର୍ବାଚନ

## ଦିଲୀପ ସଭାପତି, ସୋମନାଥ ସମ୍ପାଦକ

**ଅନୁଗୋଳ ଅଫିସ, ୨୭।୩**

ଅନୁଗୋଳ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ମୋଟ ୪୪୮ ଜଣ ସଭ୍ୟ ମତଦାନ କରିଥିଲେ। ସଭାପତି ଭାବେ ଦିଲୀପ ସାହୁ, ଉପସଭାପତି ନିରୋଦ ମିଶ୍ର, ସାଧାରଣ ସମ୍ପାଦକ ସୋମନାଥ ରାଉତ, ସହ ସମ୍ପାଦକ ଧର୍ମେନ୍ଦ୍ରନାଥ ମିଶ୍ର, ସାଂସ୍କୃତିକ ସମ୍ପାଦକ ପ୍ରଦୀପ୍ତ କିଶୋର ସାହୁ, କୋଷାଧ୍ୟକ୍ଷ ଭାବେ ନୀଳକଣ୍ଠ ନାଏକ ନିର୍ବାଚିତ ହୋଇଛନ୍ତି। ପୂର୍ବାହ୍ନ ୮ଘଟିକାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ଯାଏ ଚାଲିଥିଲା। ଅପରାହ୍ନ ୪ଟାରେ ଭୋଟ ଗଣତି କରାଯାଇଥିଲା। ବରିଷ୍ଠ ଆଇନଜୀବୀ ପ୍ରମୋଦ ପ୍ରଧାନ, ପ୍ରସନ୍ନ ବେହେରା ନିର୍ବାଚନ ପରିଚାଳନା କରିଥିଲେ। ଆଇନଜୀବୀ ଅଶୋକ ପଟ୍ଟନାୟକ, ସୁମନ୍ତ ବିଶ୍ୱାଳ, ଦିଲୀପ ପ୍ରଧାନ, ଶିବରାମ ଦେହୁରୀ, ପ୍ରତାପ ନାଏକ, ଧୂରେନ ପ୍ରଧାନ, ସତ୍ୟବ୍ରତ ବିଶ୍ୱାଳ, ହେମନ୍ତ ସାହୁ, ଅରୁଣ ନାୟକ, ପ୍ରମୋଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ଅନୁଗୋଳରେ ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା।

## ଜିତିଲେ ଘନଶ୍ୟାମ, ଚିତ୍ତରଞ୍ଜନ

**ବଇଣ୍ଡା/ଆଠମଲ୍ଲିକ/ ତାଳଚେର,(ନି.ପ୍ର.)/(ଡି.ଏନ.ଏ.) ୨୭।୩**



ଆଠମଲ୍ଲିକ କ୍ରିମିନାଲ ବାର୍ ଆସୋସିଏଶନର ନିର୍ବାଚିତ କର୍ମକର୍ତ୍ତା।



ତାଳଚେର ବାର ଆସୋସିଏଶନର ନବନିର୍ବାଚିତ ସଭ୍ୟ।

ଆଠମଲ୍ଲିକ କ୍ରିମିନାଲ ବାର ଆସୋସିଏଶନର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ନିର୍ବାଚନ ଲଢୁଥିବା ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଘନଶ୍ୟାମ ବେହେରା, ଉପସଭାପତି ଭାବେ ଓମ୍‌ଚାନ୍ଦ ପ୍ରଧାନ, ସମ୍ପାଦକ ସବ୍ୟସାଚୀ ସିଂ ସାମନ୍ତ, ସହ ସମ୍ପାଦକ ଭାବେ ରଞ୍ଜିତ ମହାନନ୍ଦିଆ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଶରତ ସାହୁ ଘୋଷଣା କରିଛନ୍ତି। ନବ ନିର୍ବାଚିତ ପ୍ରତିନିଧିଙ୍କୁ ଆଇନଜୀବୀ ଅଞ୍ଜନ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଆଠମଲ୍ଲିକ ଓକିଲ ସଂଘ ସଭାପତି ଭାବେ ଆଇନଜୀବୀ ସୁଶାନ୍ତ ମହାପାତ୍ର (ପିନା) ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରମୋଦ ପ୍ରଧାନଙ୍କୁ ହରାଇଛନ୍ତି। ଉପସଭାପତି ଭାବେ ଉଗ୍ରସେନ ସେଠୀ, ସମ୍ପାଦକ ବିନାୟକ ଗୋଦୁକା, ସହ ସମ୍ପାଦକ ସୁବୋଧ ମିଶ୍ର, କୋଷାଧ୍ୟକ୍ଷ ରାଜେଶ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ବାମନ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେହିପରି ତାଳଚେର ଓକିଲ ସଂଘ ସଭାପତି ଭାବେ ଚିତ୍ତରଞ୍ଜନ ରାଉତ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ରାହସ କୁମାର ଜେନା, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଦେବତା, ସହ ସମ୍ପାଦକ ପ୍ରସାଦ କୁମାର ଖିଲାର, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଅଡିଟର ତନୁଜ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଅଜୟ କୁମାର ମିଶ୍ର ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।

## ଆଠମଲ୍ଲିକରେ ଅଘୋଷିତ ବିଦ୍ୟୁତ୍ କାଟ

**ଆଠମଲ୍ଲିକ, ୨୭।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି। ଚଳିତ ମାସ ପ୍ରଥମ ସପ୍ତାହରୁ ୨୭ ତାରିଖ ପର୍ଯ୍ୟନ୍ତ ସକାଳ ୭ ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟିବାକୁ ବିଭାଗ ତରଫରୁ ପ୍ରଚାର କରାଯାଇଥିଲା। ମାତ୍ର କିଛିଦିନ ପ୍ରଚାର ଅନୁସାରେ କାର୍ଯ୍ୟ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ମନଇଚ୍ଛା ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବାକୁ ସାଧାରଣରେ ଦାବିହୋଇଛି। ଅନ୍ୟପଟେ ୩୩ କେଭି ଲାଇନରେ ବିଭ୍ରାଟ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ବିଦ୍ୟୁତ୍ ବିଭାଗ ଅଧିକାରୀ କହିଛନ୍ତି।

## ପୁରୁଣାପଶିକୁ ପଞ୍ଚତାରକା ଗ୍ରାମ ମାନ୍ୟତା

**ବନ୍ତଲା, ୨୭।୩(ଡି.ଏନ.ଏ.)**

ଭାରତ ସରକାରଙ୍କ ଡାକ ବିଭାଗ ପକ୍ଷରୁ ଢେଙ୍କାନାଳମଣ୍ଡଳ ଅନ୍ତର୍ଗତ ଅନୁଗୋଳ ଜିଲା ବନ୍ତଲା ଥାନା ବାରଗୌଣିଆ ଶାଖା ଡାକଘର ପୁରୁଣାପଶି ଗ୍ରାମକୁ ପଞ୍ଚ ତାରକା ଗ୍ରାମ ଘୋଷଣା କରାଯାଇଛି। ଡାକସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ମାନ୍ୟତା ଦିଆଯାଇଛି। ଏହି ଅବସରରେ ପୁରୁଣାପଶି ପ୍ରକଳ୍ପ ବିଦ୍ୟାଳୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କେତନ ପ୍ରଧାନ, ଢେଙ୍କାନାଳ ଡାକ ଅଧ୍ୟକ୍ଷ ଜମେଶ୍ୱର ଗଡ଼ନାୟକ, ପ୍ରଧାନ ଶିକ୍ଷକ ତ୍ରିନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଡାକ ଅଧିକ୍ଷକ ସଞ୍ଜିତ ଶତପଥୀ ସଭା ପରିଚାଳନା କରିଥିଲେ। ପ୍ରତାପ ପ୍ରଧାନ, ସୌମ୍ୟରଞ୍ଜନ ବଳିଆରସିଂ ପ୍ରମୁଖ ସହଯୋଗ କରିଥିଲେ।

## ଜଳୁଛି ଜଙ୍ଗଲ, ବିପଦରେ ବନ୍ୟଜନ୍ତୁ

**ବଇଣ୍ଡା, ୨୭।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ବଇଣ୍ଡା ନିକଟସ୍ଥ ଗୁଜା ପାହାଡ, ଆନନ୍ଦମୁଣ୍ଡା ଜଙ୍ଗଲ ଶନିବାରଠାରୁ ଜଳୁଛି। ନିଆଁକୁ ଆୟତ୍ତ କରିବାରେ ବନ ବିଭାଗ ବିଫଳ ହୋଇଛି। ଫଳରେ ବନ୍ୟ ଜୀବଜନ୍ତୁ ବିପଦରେ ପଡ଼ିଛନ୍ତି। ବହୁ ମୂଲ୍ୟବାନ ଗଛ, ଔଷଧୀୟ ଗୁଳ୍ମ ଜଳିଯାଇଛି। ହଣ୍ଡପା ବନ ବିଭାଗ ଅଧୀନରେ ରହିଥିବା ଉକ୍ତ ୨ ଗ୍ରାମ୍ୟ ଜଙ୍ଗଲରେ ବହୁ ମହୁଲ ଗଛ ଅଛି। ମହୁଲ ଫୁଲ ସଂଗ୍ରହ କରିବା ଲାଗି କେତେଜଣ ଗୋରୁ ଚରାଳି ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଜଙ୍ଗଲ ବନାଗ୍ନି ପାଇଁ ଅଞ୍ଚଳରେ ତାପମାତ୍ରା ବଢ଼ିବାରେ ଲାଗିଛି। ବନ ବିଭାଗ ନିଆଁକୁ ତୁରନ୍ତ ନିୟନ୍ତ୍ରଣ କରିବା ଲାଗି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କୁହନ୍ତି, ବିଭାଗ ପକ୍ଷରୁ ନିଆଁ ଲିଭାଇବାକୁ ପଦକ୍ଷେପ ନିଆଯାଉଛି।

## ନିଆଁ ଲିଭାଇଲେ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଛାତ୍ର

**ଆଠମଲ୍ଲିକ,୨୭।୩(ଡି.ଏନ.ଏ.)**

ଶନିବାର ଆଠମଲ୍ଲିକ କଲେଜ ନିକଟ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। କଲେଜର ଏନ୍‌ସିସି ଓ ଏନ୍‌ଏସ୍‌ଏସ ଛାତ୍ରନିଆଁକୁ ଆୟତ୍ତ କରିଥିଲେ। ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ।






## ଆଗଉନି ଧଉରାଗୋଠ ପ୍ରକଳ୍ପ



ବୈଠକରେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା।

**ବଇଣ୍ଡା, ୨୭।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ଧଉରାଗୋଠରେ ପ୍ରସ୍ତାବିତ ଧଉରଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆଗଉନି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦାବି ପୂରଣ ଲାଗି ପୁଣିଥରେ ଆନ୍ଦୋଳନ କରାଯିବ ବୋଲି ଧଉରାଗୋଠ ଜଳସେଚନ ଯୋଜନା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ନିଷ୍ପତ୍ତି ନିଆଯାଇଛି। ଏ ନେଇ ଦାମୋଦରପୁରଠାରେ କମିଟି ସଭାପତି ନିର୍ମଳ ନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ତୀର୍ଥବାସୀ ଭୋଇ, ସୁବାସ ଚନ୍ଦ୍ର ସାହୁ, ଗୋକୁଳା ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ,

**ଆନ୍ଦୋଳନ ପାଇଁ ସଜବାଜ**

ହରମୋହନ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଧଉରାଗୋଠ ପ୍ରକଳ୍ପ ଲାଗି ସରକାର ୫୦ ବର୍ଷ ପୂର୍ବେ ଚିନ୍ତା କରିଥିଲେ। ତେବେ ଅଦ୍ୟାବଧି ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢିପାରିନାହିଁ। ଏହି ପ୍ରକଳ୍ପ ହେଲେ ଆଠମଲ୍ଲିକ ଏବଂ କିଶୋରନଗର ବ୍ଲକର ୨୨ଟି ଗ୍ରାମର ଚାଷଜମିକୁ ଜଳସଚେନ ସୁବିଧା ମିଳିବ। ସରକାର ଏଥିପ୍ରତି ଦୃଷ୍ଟିଦେଇ ପ୍ରକଳ୍ପ ନିର୍ମାଣ କରିବାକୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

## ହକ୍ ପାଇଁ ଲଢ଼ିବ ପ୍ରଜାମଣ୍ଡଳ



ବୈଠକରେ ଉପସ୍ଥିତ ପ୍ରଜାମଣ୍ଡଳର କର୍ମକର୍ତ୍ତାମାନେ।

**କଣିହାଁ, ୨୭।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଅଞ୍ଚଳରେ ବିଦ୍ୟୁତ୍, ଶିଳ୍ପ, କୋଇଲା ଖଣିକୁ ନେଇ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଗଢ଼ି ଉଠିଥିବା କମ୍ପାନୀ କର୍ତ୍ତୃପକ୍ଷ ନିଯୁକ୍ତି, ଥଇଥାନକୁ ଅଣଦେଖା କରି ଚାଲିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ଏବଂ ମୌଳିକ ସୁବିଧା ଯୋଗାଇ ଦେବାକୁ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ସଭାପତି ସୁନୀଲ ପ୍ରଧାନ, ସମ୍ପାଦକ ଆଲୋକ ସାହୁଙ୍କ ଆବାହକତ୍ୱରେ ଶୁକ୍ରବାର ପଥରମୁଣ୍ଡା ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲା। ଶନିବାର କଣିହାଁ ପ୍ରଜାମଣ୍ଡଳର କର୍ମକର୍ତ୍ତାଙ୍କୁ ନେଇ ପୁନର୍ବାର ବୈଠକ ବସିଥିଲା। ଖଣି ପ୍ରଭାବିତଙ୍କ ହକ୍ ପାଇଁ ପ୍ରଜାମଣ୍ଡଳ ଲଢ଼େଇ କରିବ। ଏଥିଲାଗି ବିଭିନ୍ନ କମିଟି ଗଠନ କରାଯାଇଛି। ଏହି କମିଟିରେ ସ୍ଥାନୀୟ ଲୋକଙ୍କୁ ସ୍ଥାନ ମିଳିଛି। ଶିକ୍ଷା, ଗମନାଗମନ, ପାନୀୟ ଜଳ ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା। ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ସମସ୍ୟା ନ ସୁଧୁରିଲେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

